
ଶନିବାର, ୨୧ ଅକ୍ଟୋବର, ୨୦୨୩

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଜଣେ ଗ୍ରାହକ ଦାଢ଼ି କାଟିବାକୁ ସେଲୁନ୍ ଗଲେ।
ଗ୍ରାହକ : ମୋର ଟିକେ ଦାଢ଼ି କାଟିଦେବ ?
ଦୋକାନୀ: ହଁ ଭାଇ କାଟୁଛି।
ଗ୍ରାହକ: ଆରେ ଭାଇ ତୁମେ ଏ କ'ଣ କଲ ? ମୋର ଦାଢ଼ି କାଟୁ କାଟୁ ମୋ ଗାଲରୁ ଚମଡା ଛଡାଇ ଦେଲ ?
ଦୋକାନୀ: ଭାଇ ତୁମେ ଚିନ୍ତା କରନି, ମୁଁ କେବଳ ଦାଢ଼ି କଟାର ପଇସା ନେବି।

ଅଜୟ: ବିଜୟ, ତୁ କେମିତି କହିପାରିବୁ ଯେ ଚିଲର ଆଖି ବହୁତ ତୀକ୍ଷଣ।
ବିଜୟ: ଅଜୟ, କାହିଁକି ନା ତୁ କେବେ ତାକୁ ଚଷମା ପିନ୍ଧିଥିବାର ଦେଖିଛୁ !

ଚିଣ୍ଟୁ: ମମି ପିଲାମାନେ ଯଦି କିଛି ଭୁଲ୍ କରନ୍ତି, ତାଙ୍କୁ କ୍ଷମା କରିଦେବା କଥା କି ନା ?
ମମି (ଚିଣ୍ଟୁଙ୍କୁ ଗେହ୍ଲେଇ କହିଲେ) : ହଁ, ତାଙ୍କୁ କ୍ଷମା କରିଦେବା କଥା।
ଚିଣ୍ଟୁ: ଠିକ୍ ଅଛି, ମମି ତୁମେ ଯେଉଁ ନୂଆ ପାଣି ବଟଲଟା ଦେଇଥିଲ ମୁଁ ତାକୁ ହଜାଇ ଦେଇଛି!

ଝିଲ୍ମିଲ୍ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ପାପ ବିନାଶର କାରଣ

**ଗପ**

ସୋନି ଆଉ ମୋନି ଦୁଇ ଜଣ ଆଇ ମାଆ ପାଖକୁ ଧାଇଁ ଆସି କହିଲେ, ଜାଣିଛୁ ଆଇ ଆଜିଠାରୁ ଆମ ସ୍କୁଲ ଛୁଟି ଦିଆ ହୋଇଗଲା। ଦଶହରା ପାଇଁ ପୂରା ଛୁଟି। ଆଉ ଏ ସବୁ ଛୁଟିଦିନରେ ତୁ ଆମକୁ ନୂଆ ନୂଆ ଗପ କହିବୁ। ବାବା ମାମା ଦୁଇଜଣ କଥା ହୁଅନ୍ତି ତୁ କୁଆଡେ ବହୁତ ଗପ ଜାଣିଛୁ। ମାମା ବି କହୁଥିଲା ତୁ ପିଲାଦିନେ ତାକୁ ଗପ କହି କହି ଶୁଆଇ ଦେଉ। ତେଣୁ ତୁ ଗପ କହିବାକୁ ବାଧ୍ୟ। କିଛି ବାହାନା ଚଳିବନି।

ତୁମେ ଦୁଇଜଣ ଭାରି ଜିଦି କଲଣି ଯେତେବେଳେ ମୁଁ କ'ଣ ନ କହିକି ରହିବାର ବାଟ ଅଛି। ହେଲେ କଥା ଦେବ, ମୁଁ ଯାହା ଗପରେ କହିବି ସେଥିରୁ ତୁମେ ଯାହା ଶିଖିବ କାମରେ ଲଗାଇବ।

ଆଇ ମା କଥା ଶୁଣି ସୋନି ଆଉ ମୋନି ରାଜି ହୋଇଗଲେ। ଆଉ କଥା ଦେଲେ ଯେ, ତୁମ କଥା ଅକ୍ଷରେ ଅକ୍ଷରେ ପାଳନ କରିବୁ। ହଉ ତେବେ ଶୁଣ।

ପୁରାଣ କଥା। ମହିଷାସୁର ନାମକ ଏକ ରାକ୍ଷସ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଠାରୁ ନିଜର ତପସ୍ୟା ଆଉ ଭକ୍ତି ବଳରେ ବରଦାନ ପ୍ରାପ୍ତ କରିଥିଲା। ବରଦାନ ଏପରି ଥିଲା କି, ସେ ମାନବ କିମ୍ବା ଭଗବାନ, କାହାଠାରୁ ପରାଜିତ ହେବନାହିଁ। ବ୍ରହ୍ମାଙ୍କଠାରୁ ଏଭଳି ବରଦାନ ପାଇବା ପରେ ସେ ନିଜକୁ ସର୍ବେସର୍ବା ମଣି ଉତ୍ପାତ କରିବାକୁ ଲାଗିଲା। ରାକ୍ଷସ ପ୍ରକୃତି ହେତୁ ନିଜର ଶକ୍ତିକୁ ଖରାପ ଭାବରେ ବ୍ୟବହାର କରିବାକୁ ଲାଗିଲା। ବଳ ପ୍ରୟୋଗ କରି ଦେବତାମାନଙ୍କ ସହ ଯୁଦ୍ଧ ଆରମ୍ଭ କରିଦେଲା। ଦେବତାମାନଙ୍କୁ ପରାସ୍ତ କରି ସ୍ୱର୍ଗକୁ ନିଜ ଅକ୍ତିଆରରେ ରଖିଲା। ତା'ର ଅତ୍ୟାଚାର ଦିନକୁ ଦିନ ଅସହ୍ୟ ହେବାକୁ ଲାଗିଲା। ସେ ମନେ ମନେ ନିଜକୁ ସବୁଠାରୁ ଶକ୍ତିଶାଳୀ ବୋଲି ଭାବୁଥିଲା।



ଦେବତାଗଣ ତା' ପ୍ରକୋପରୁ ରକ୍ଷା ପାଇବା ନିମନ୍ତେ ଭଗବାନ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ନିକଟରେ ଶରଣ ଗଲେ। ତ୍ରିଦେବ ନିଜର ଶକ୍ତି ବଳରେ ମା ଦୁର୍ଗାଙ୍କୁ ସୃଷ୍ଟି କଲେ। ନିଜର ସମସ୍ତ ଆୟୁଧ ପ୍ରଦାନ କରି ମା ଦୁର୍ଗାଙ୍କୁ ଆହୁରି ଶକ୍ତିଶାଳୀ କରିଦେଲେ। ମା ଦୁର୍ଗା ଓ ମହିଷାସୁର ମଧ୍ୟରେ ନଅ ଦିନ ଧରି ଯୁଦ୍ଧ ଚାଲିବା ପରେ ଦଶମୀ ଦିନ ତା'ର ମୃତ୍ୟୁ ହେଲା। ପାପର ବିନାଶ ହେଲା। ଅନେକ ଦିନ ଧରି ଅତ୍ୟାଚାରୀ ମହିଷାସୁର ଠାରୁ ସମସ୍ତେ ମୁକ୍ତି ପାଇଥିଲେ।

ମହିଷାସୁର ଭଳି ଏ ଧରାଧାମରେ ଯେତେବେଳେ ବି ପାପର ଭାର ବଢ଼ିବାରେ ଲାଗେ ସେତେବେଳେ ଭଗବାନ ସ୍ୱୟଂ ରୂପଧାରଣ କରି ତାକୁ ବିନାଶ କରିଛନ୍ତି। ସେ ରାବଣ ହେଉ ବା ସେ ମହାଦାନୀ ବଳିରାଜା ହୁଅନ୍ତୁ, ଦୁର୍ଯ୍ୟୋଧନ ଭଳି ଅହଂକାରୀ ରାଜା ବି ନିଜର ଗର୍ବ ଆଉ ଅହଂକାର ପାଇଁ ନିଜର ସବୁ କିଛି ହରାଇଥିଲା।

ତେଣୁ ପିଲାମାନେ ତୁମେ ସର୍ବଦା ମନେ ରଖିବ ଯେ କେବେହେଲେ ଗର୍ବ, ଅହଂକାର କରିବ ନାହିଁ। ଗର୍ବ ଅହଂକାରରେ ମଣିଷ ବହୁ ଭୁଲ୍ କାମ କରିବସେ ଓ ଦିନେ ମହିଷାସୁର ପରି ଧ୍ୱଂସ ହୋଇଥାଏ। ତେଣୁ ସର୍ବଦା ନମ୍ର ଆଚରଣ କରିବ।

**- ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

## ମତାମତ

▶▶ ଜଣା ଅଜଣାରେ ପ୍ରକାଶିତ ହେଉଥିବା ଜୀବଜନ୍ତୁ ଓ ଦେଶ ବିଦେଶ ସମ୍ପର୍କରେ ନୂଆ କଥା ଜାଣିହେଉଛି।
**- ରୂପେଶ ସାହୁ, ବାଲିପାଟଣା, ଭୁବନେଶ୍ୱର**

▶▶ ଖିଲିଖିଲି ହସରେ ପ୍ରକାଶିତ ହସକଥାଗୁଡ଼ିକ ବେଶ୍ ମଜା ଲାଗୁଛି।
**-ସଞ୍ଜୀବ ରାଉତ, ନୟାଗଡ଼**

▶▶ କହିଲ ଦେଖି ସ୍ତମ୍ଭ ଶିକ୍ଷଣୀୟ ହେଉଛି।
**-ରାମଚନ୍ଦ୍ର ସାମଲ, ଉତ୍ତରକୂଳ, ପ୍ରୀତିପୁର, ଯାଜପୁର**

## ରଙ୍ଗ ଦିଅ



# ଖାଇଲେ ବଢ଼ିବ ସ୍ମରଣ ଶକ୍ତି

**ସବୁ ପିଲାଙ୍କର ସ୍ମରଣ ଶକ୍ତି ଅଲଗା ଅଲଗା ହୋଇଥାଏ। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଖାଇଲେ ସ୍ମରଣ ଶକ୍ତି ବୃଦ୍ଧି ପାଇବ।**



- ପିଲାମାନେ ଛୋଟବେଳୁ ଅଧିକ ପନିପରିବା ଖାଇବା ଫଳରେ ସେଥିରେ ଥିବା ପୋଷକ ତତ୍ତ୍ୱ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ କଦଳୀ, ପାଳଙ୍ଗ, ଫୁଲକୋବି, ଗାଜର ଆଦି ବିଭିନ୍ନ ପନିପରିବା ପ୍ରତିଦିନ ଖାଇବା ଦରକାର।

- ସ୍ମରଣ ଶକ୍ତି ବୃଦ୍ଧି ପାଇଁ ଅଧିକ ତେଲଥିବା ମାଛ ଖାଇବା ଦରକାର। ଏଭଳି ମାଛରେ ପ୍ରଚୁର ପରିମାଣରେ ଓମେଗା ୩ ରହିଥାଏ। ଏହି ସ୍ୱତନ୍ତ୍ର ପୋଷକ ତତ୍ତ୍ୱ ରକ୍ତରେ ଥିବା ବିଟା ଏମିଲଏଡ୍‌କୁ କମ୍ କରିଥାଏ। ବିଟା ଏମିଲଏଡ୍ ଏକ ବିଶେଷ ପ୍ରକାରର ପ୍ରୋଟିନ୍, ଯାହା ମସ୍ତିଷ୍କରେ ଥିବା ସ୍ମରଣଶକ୍ତିର କ୍ଷମତାକୁ କମ୍ କରିଥାଏ। ତେଣୁ ରକ୍ତରେ ଏହାର ପରିମାଣ କମ୍ ହୋଇଗଲେ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

- ବୁଦ୍ଧି ବଢ଼ାଇବା ପାଇଁ ଷ୍ଟ୍ରବେରି, ବ୍ଲୁବେରି, ଜାମୁକୋଳି ଭଳି ବିଭିନ୍ନ ପ୍ରକାରର ଫଳ ଅତ୍ୟନ୍ତ ଉପକାରୀ ହୋଇଥାନ୍ତି।

- ଅଖରୋଟ୍ ଓ ବାଦାମ ମଧ୍ୟ ସ୍ମରଣ ଶକ୍ତି ବଢ଼ାଇଥାଏ। ଏଥିରେ ହେଲ୍‌ଦି ଫ୍ୟାଟ୍ ଓ ଓମେଗା ୩ ରହିଥାଏ, ଯାହା ରକ୍ତ ସଞ୍ଚାଳନକୁ ଅଧିକ ସକ୍ରିୟ କରିଥାଏ। ଫଳରେ କିଛି ଦିନ ଧରି ଅଖରୋଟ୍ ଖାଇବା ପରେ ମନେରଖିବା ଶକ୍ତି ବୃଦ୍ଧି ପାଇଥାଏ।


## ତୁମ ପଢ଼ିବା ପାଇଁ




### ଶିଶୁସ୍ୱରୂପ ମୁଁ ବୁଣି ମୁରୁଜ

କବିତା ସଙ୍କଳନ 'ଶିଶୁସ୍ୱରୂପ ମୁଁ ବୁଣି ମୁରୁଜ'ରେ ରହିଛି ସିଏ ହେବ ସୁନାଚାଟ, ଆସିଗଲା ଏବେ ପରୀକ୍ଷା ଋତୁ, ସଦାଚାରେ ହେବା ସକତ, କରନାହିଁ ଯାଙ୍କୁ କଣଠେସା, ନାଆଁ ତାର ଆଜି ଜଗତେ ଖ୍ୟାତ, ଦିଲ୍ଲୀ ଯିବା ଗଲା ଫସରଫାଟି ପରି କେତୋଟି କବିତା। ଡ. ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ରଚିତ ଏହି କବିତା ସଙ୍କଳନର ମୂଲ୍ୟ ୧୦୦ ଟଙ୍କା। ଯୋଗାଯୋଗ-ପଣଶିଆଁ, ବରପୁଟ, ବାଙ୍କୀ, କଟକ, ମୋ: ୮୨୪୯୭୪୫୪୩୩।

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଦୁର୍ଗାପୂଜାର ରହିଛି ସ୍ୱାତନ୍ତ୍ର । ଏହି ପୂଜାକୁ ଆମ ଦେଶରେ ବେଶ୍ ଜାକଜମକରେ ପାଳନ କରାଯାଏ। କେତେକ ଛାତ୍ରୀଛାତ୍ର ଏଥର ଏହି ପର୍ବ ପାଳନ ଲାଗି କିପରି ଯୋଜନା କରିଛନ୍ତି ସେ ବିଷୟରେ ଉପସ୍ଥାପନା...



# କେମିତି ପାଳିବେ ଦଶହରା

## ପରିବାର ସହ ଦୂର୍ଗା ପୂଜା ପାଳିବି



ହିନ୍ଦୁମାନଙ୍କର ଅନ୍ୟତମ ବଡ ପର୍ବ ହେଲା ଦୁର୍ଗାପୂଜା। ରାଉରକେଲାର ଦୁର୍ଗାପଜା ପାଳନ କରିବା ମଜା କିଛି ନିଆରା। କାରଣ ଏଠାରେ ସବୁ ଭାଷା ଓ ଧର୍ମର ଲୋକ ବସବାସ କରନ୍ତି। ଏଠାରେ ସମସ୍ତେ ମିଳିମିଶି ଏବଂ ଭାଇଚାରା ଭାବ ରଖି ପୂଜା ପାଳନ କରନ୍ତି। ଏହି ସମୟରେ ଆମ ବିଦ୍ୟାଳୟ ଛୁଟି ଥିବାରୁ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ମିଶି ପୂଜା ପାଳନ କରିବାରେ ମଜା କିଛି ଅଲଗା ଥାଏ। ଅନ୍ୟାୟ ,ଅନୀତି ଓ ଅତ୍ୟାଚାରର ବିନାଶ କରିବାକୁ ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରିବା ପୂର୍ବରୁ ଦୁର୍ଗା ମା'ଙ୍କୁ ପୂଜା କରିଥିଲେ। ସେବେଠାରୁ ଦୁର୍ଗା ପୂଜା ପାଳନ କରାଯାଉଛି। ଏହି ପୂଜା ବିଭିନ୍ନ ସ୍ଥାନରେ ଖୁବ୍ ଜାକଜମକରେ ପାଳନ କରାଯାଏ।

**-ଦେବସ୍ମିତା ନାୟକ,** କ୍ଲାସ-୮,ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ,ହମିରପୁର,ରାଉରକେଲା

## ପୂଜା ମଣ୍ଡପ ବୁଲିବାର ମଜା ନିଆରା



ଦୁର୍ଗାପୂଜାରେ ମିଳିମିଶି ପୂଜା ମଣ୍ଡପ ବୁଲିବାର ମଜା ନିଆରା। ଏଥର ପରିବାର ଏବଂ ସାଙ୍ଗସାଥୀଙ୍କ ସହ ବିଭିନ୍ନ ପୂଜା ମଣ୍ଡପ ବୁଲିବି। ସେଠାରେ ଦେବୀଙ୍କୁ ଦର୍ଶନ କରି ତାଙ୍କର ଆର୍ଶିବାଦ ନେବି। ଯେହେତୁ ଦଶହରାରେ ସ୍କୁଲ ଛୁଟି ରହୁଛି ତେଣୁ ଏହି ସମୟରେ ମୁଁ ଘରକୁ ଯିବି। ସେଠାରେ ମାମା ,ବାବା, ଖୁଡି,ଦାଦାଙ୍କ ସହ ମିଶି ଏହି ପୂଜାର ମଜା ନେବି। ଏହି ପୂଜାରେ ଆମ ଘରକୁ ବନ୍ଧୁ ବାନ୍ଧବ ଆସନ୍ତି। ଘରେ ପିଠାପଣା ହୁଏ। ତେଣୁ ଏହି ତିନିଦିନ କିପରି କଟିଯିବ ଜଣାପଡିବ ନାହିଁ।

**-ଅନସୁଲ୍ ଦାସ,** କ୍ଲାସ-୮,ଲୟୋଲା ସ୍କୁଲ,ଭୁବନେଶ୍ୱର

## ପାଠ ପଢ଼ାକୁ ମଧ୍ୟ ଗୁରୁତ୍ୱ ଦେବି



ଦଶହରାରେ ବାପା,ବୋଉଙ୍କ ସହ ମିଶି କେନ୍ଦ୍ରାପଡା ଦୁର୍ଗାମଣ୍ଡପ ଏବଂ ଘର ପାଖାପାଖି ହେଉଥିବା ମେଢ଼ ବୁଲି ଦେଖିବାର ପ୍ଲାନିଂ କରିଛି। ପୂଜାରେ ମୀନା ବଜାର ବୁଲିବା ସହ ବିଭିନ୍ନ ପ୍ରକାର ଦୋଳି ଖେଳ ଖେଳିବି। ଛୁଟିରେ କେବଳ ଦୁର୍ଗାପୂଜାର ମଜା ନେବି ନାହିଁ। ତା'ସହ ପାଠ ପଢ଼ା ପ୍ରତି ମଧ୍ୟ ଗୁରୁତ୍ୱ ଦେବି। କାରଣ ଯେକୌଣସି ପର୍ବପର୍ବାଣୀ ହେଉ ତାହାର ଭରପୁର ମଜା ମୁଁ ନେଇଥାଏ। ହେଲେ ସେହି ସମୟରେ ପାଠ ପଢ଼ାକୁ କଦାପି ଅବହେଳା କରି ନ ଥାଏ।

**-ଶ୍ୱାତୀ ପ୍ରିୟଦର୍ଶିନୀ,** କ୍ଲାସ-୮, ସରକାରୀ ଉଚ୍ଚବିଦ୍ୟାଳୟ,କେନ୍ଦ୍ରାପଡା



## ଦୁର୍ଗାପୂଜାର ମଜା ଅଲଗା



ଆମ ହିନ୍ଦୁ ଧର୍ମରେ ବାରମାସରେ ତେର ପର୍ବ। ତନ୍ମଧ୍ୟରୁ ଦଶହରା ଅନ୍ୟତମ। ଦଶହରାରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରି ବିଜୟ ହାସଲ କରିଥିଲେ। ଏହି ଦଶହରାରେ ଆମ ସ୍କୁଲ୍‌ରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ଦେଇଛନ୍ତି ତାକୁ ପ୍ରଥମେ ଶେଷ କରିବି। କିଛି ନୂଆ ଆର୍ଟ ଆଣ୍ଡ କ୍ରାଫ୍ଟ କରିବି। ମାମା,ବାବାଙ୍କ ସହ କଟକରେ ବିଭିନ୍ନ ସ୍ଥାନରେ ଦୁର୍ଗାଙ୍କ ମେଢ଼ ବୁଲି ଦେଖିବି। ଆଗରୁ ଆମେ କଲିକତାରେ ରହୁଥିଲୁ। ସେଠାରେ ଦଶହରା ବହୁତ ଭଲ ହୁଏ। ପୂଜା ମଣ୍ଡପରେ ଭିଡ ଏତେ ହୁଏ ଯେ ମା'ଙ୍କ ଦର୍ଶନ କରିବାକୁ ପ୍ରାୟ ଦୁଇରୁ ତିନିଘଣ୍ଟା ସମୟ ଲାଗିଯାଏ। ଦଶହରାର ମଜା ସବୁବେଳେ ମୋ ପାଇଁ ନିଆରା।

**-ଅନୁଷ୍କା ପାତ୍ର,** କ୍ଲାସ-୭,ଷ୍ଟୁଆର୍ଟ ସ୍କୁଲ,ମିଶନରୋଡ,ବକ୍ସିବଜାର,କଟକ

## ପାଠ ପଢ଼ା ସହ ବୁଲାବୁଲି ହେବ



ଏଥର ଦଶହରାରେ ମୁଁ ପାଠପଢ଼ା ସହ ବୁଲାବୁଲି କରିବି ବୋଲି ପ୍ଲାନିଂ କରିଛି। ଯେହେତୁ ସନ୍ଧ୍ୟାରେ ବୁଲାବୁଲି ହେବ ତେଣୁ ଦିନରେ ପାଠ ପଢ଼ିବି। ଏଥର ଦୁର୍ଗାପୂଜାରେ ପରିବାର ସଦସ୍ୟଙ୍କ ସହ ମେଢ଼ ଦେଖିବାକୁ ଯିବି। ପ୍ରତିବର୍ଷ ଏହି ପୂଜାକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ଏଥର ପୂଜା ମଣ୍ଡପ ବୁଲିବା ସହ ମା'ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିବି। କାରଣ ତାଙ୍କର ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ଆଉ ଘରେ ବିଭିନ୍ନ ପ୍ରକାରର ପିଠାପଣା ହେବ। ଏବର୍ଷ ଦଶହରା ବେଶ୍ ମଜାରେ କଟିବ ବୋଲି ଭାବୁଛି।

**- ସାଇସ୍ମୃତି ଜେନା,** କ୍ଲାସ୍-୮,ଭଗିନୀ ନିବେଦିତା ସରକାରୀ ହାଇ ସ୍କୁଲ, ଶଙ୍ଖେଶ୍ୱର, ତିର୍ତ୍ତୋଲ, ଜଗତସିଂହପୁର

## ଜେଜେମା'-ଜେଜେଙ୍କ ସହ ଦୂର୍ଗାପୂଜା ପାଳିବି



ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଦଶହରା ପାଳନ କରାଯାଏ। ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରିବା ପୂର୍ବରୁ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥର ମୁଁ ଦୁର୍ଗାପୂଜାରେ ଜେଜେମା-ଜେଜେ'ଙ୍କ ନିକଟକୁ ଯିବି। ତାଙ୍କ ସହ ମିଶି ପୂଜାର ମଜା ନେବି ଓ ପୂଜା ମଣ୍ଡପ ବୁଲିବି। ଏହି ଅବସରରେ ଘରେ ଆମର ପିଠାପଣା ହୁଏ। ତା'ସହ ପରିବାର ସଦସ୍ୟ ଘରଠୁ ଦୂରରେ ଥିଲେ ଦୁର୍ଗାପୂଜାରେ ଘରକୁ ଆସନ୍ତି। ତେଣୁ ସମସ୍ତଙ୍କ ସହ ମିଶି ଏହି ପର୍ବକୁ ପାଳନ କରିବାକୁ ଯୋଜନା ରଖିଛି। ତା'ସହ ପାଠ ପଢ଼ାକୁ ମଧ୍ୟ ଗୁରୁତ୍ୱ ଦେବି।

**-ସମୃଦ୍ଧି ମୁଣ୍ଡ,** କ୍ଲାସ-୭, ଏଲ୍ ନିଶି ମିଶନ ସ୍କୁଲ, ଧର୍ମଗଡ, କଳାହାଣ୍ଡି

# ତୁମ ତୂଳୀରୁ



୧ ଅରିନ୍ଦମ୍ ପଣ୍ଡା
କ୍ଲାସ-୯, ଡୁନ୍ ଇଣ୍ଟର ନାଶନାଲ୍ ସ୍କୁଲ, ସିଜୁଆ, ଭୁବନେଶ୍ୱର



୨ ନନ୍ଦକିଶୋର ପାଣିଗ୍ରାହୀ
କ୍ଲାସ- ୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁପଦର, ଗଞ୍ଜାମ



୩ ଉପମିତା ଦାସ
କ୍ଲାସ- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପଡା, ଯାଜପୁର



୪ ଶ୍ରୀୟମ୍ ସ୍ୱସ୍ତିକ ସ୍ୱାଇଁ
କ୍ଲାସ- ୩, କାଳିଆବୋରା ୟୁ.ପି. ସ୍କୁଲ, ଜଗତସିଂହପୁର



୫ ଅଭିସୁମତ୍ ସାମଲ
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୬ ଅନ୍ୱେଷା ମିଶ୍ର
କ୍ଲାସ- ୩, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର



୭ ଓମ୍ ପ୍ରକାଶ ବାରିକ
କ୍ଲାସ- ୯, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମର୍ଶିଦାବାଦ, କୋଲକାତା




୮ ସୁମଗ୍ନା ଦାସ
କ୍ଲାସ-୨, କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ, ପ୍ରତାପନଗରୀ, କଟକ



୧




୨



୩



୪



୫



୬



୭



୮



# କବିତା

## ଶରତର ଶୋଭା

ମରତରେ ଶରତର ନିରିମଳ ଶୋଭା,
ଗଛଲତା ବିଲବାଡ଼ି ଦିଶେ ମନଲୋଭା ।
କି ସୁନ୍ଦର ଦିଶିଲେଣି ନଈ,ନାଳ,ବଣ,
ଉଡ଼ିଲେଣି ଡେଣାଝାଡ଼ି ବଗ ପଣପଣ ।
କାଚ ପରି ଚକମକ ଝରଣାର ଜଳ,
ଡେଇଁଲେଣି ମୀନ ପରା ହୋଇ ଦଳ ଦଳ ।
ବେଳେବେଳେ ଭସାମେଘ ଖେଳେ ଲୁଚକାଳି,
ଅସରାଏ ଦି'ଅସରା ଦିଏ କେବେ ଢାଳି ।
ବଗିଚାରେ ବସିଲାଣି ଫୁଲଙ୍କର ହାଟ,
ଜହ୍ନିଫୁଲ ଠୋ' ଠା' ଶେଫାଳିର ଥାଟ ।
ସବୁଜିମା ଭରିଲାଣି ଧରଣୀର କୋଳେ,
ପାରବଣ ଋତୁ ଆସି ସ୍ନେହ-ରଙ୍ଗ ବୋଳେ ।
ଜଗତ ଜନନୀ ଧୀରେ ଥାପିଲେଣି ପାଦ,
ଚାରିଆଡେ ଶୁଭିଲାଣି ଘଣ୍ଟ-ଘଣ୍ଟା ନାଦ ।
ମନ ଜାଣି ସିଏ ପରା ହାତେ ଦେବେ ବର,
ତାଙ୍କରି ଆଶିଷେ ଦୂରହେବ ଯେତେ ଡର ।

**- ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଆସ ମା' ଦୁର୍ଗା

ଜଗତ ଜନନୀ ମାଆ ଦୁର୍ଗା ତୁମେ
ସରଗୁ ଓହ୍ଲାଇ ଆସ,
ମରତ ଭୂଇଁରେ ପାଦ ଥାପି ଥରେ
ଆମକୁ ଦିଅ ଆଶିଷ ।
ତୁମ ଆଗମନେ ଖୁସିର ଲହରି
ବହୁଛି ଧରଣୀ କୋଳେ
ହସେ ତରୁଲତା ସବୁଜ ବନାନୀ
ଫୁଲ ଫଳ ବୃକ୍ଷ ଡାଳେ ।
ବିନ୍ଦୁ ବିନ୍ଦୁ ହିମ ଆକାଶୁ ଝରୁଛି
ଜାଣି ତୁମ ଆଗମନ
ଶୁଭ୍ର କାଶତଣ୍ଡୀ ଚାମର ହଲାଇ
କରୁଅଛି ଆବାହନ ।
ଏ ଧରା ଧାମକୁ ଆସି ଥରେ ମା'
ଆଶିଷ ଦିଅଗୋ ଢାଳି
ତୁମରି ସନ୍ତାନ ଆଗେଇ ଚାଲନ୍ତୁ
ଦୁଃଖରେ ନ ଯାନ୍ତୁ ହାରି ।

**-କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

## ଆଶିଷ ମାଗିବା

ଯାଇଛି ବରଷା ଆସିଛି ବିମଳ ଶରତ
ଶାଗୁଆ ଶାଢ଼ୀରେ ସଜେଇ ହେଉଛି ମରତ ।
ଚାରିଆଡ଼ ସଫା, ନାଇଁ ପଚପଚ କାଦୁଅ
ସରସୀ ଜଳରେ ଢ଼ଳଢଳ କଇଁ, ପଦୁଅଁ ।
ଧୋବ କାଶତଣ୍ଡୀ ହସୁଛି ଚଅଁର ଉଡେଇ
ମିଠା ସୁବାସରେ ଶେଫାଳି ଦେଖାଏ ବଡ଼େଇ ।
ଆଶା ଭରସାର ସନ୍ଦେଶ ଆଣିବ ଦଶରା
ମାଟି, ଜଳ, ନଭେ ମେଲିବ ସୁଷମା ପସରା ।
ଜଗତଜନନୀ ଆସିବେ ବିତରି କରୁଣା
ନୂଆ ଭାବ ଦେଇ ହଜେଇ ଦେବାକୁ ପୁରୁଣା ।
ଖୁସି ହେବ ପିଲେ, ଦେଖି ମଣ୍ଡପର ସଜାକୁ
ପାରବଣ ହେତୁ ଲୁଟିବ ଅସଲ ମଜାକୁ ।

**- ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ପାର୍ବଣ ରାଣୀ



ଶକ୍ତି ପ୍ରଦାୟିନୀ ମଙ୍ଗଳମୟୀ ମା'
ଅଭୟ ବର ଦାୟିନୀ
ଆସ ଅବତରୀ ଏ ଧରା ଧାମକୁ
ଆହେ ମା' ଜଗତ ଜନନୀ ।
ମର୍ତ୍ତ୍ୟ ମଣ୍ଡଳରେ ସରଗର ଶୋଭା
ଆଣିଛି ଋତୁ ଶରତ
ପ୍ରକୃତି ହସୁଛି ଧରଣୀ ବକ୍ଷରେ
କରୁଛି ତାଙ୍କୁ ସ୍ୱାଗତ ।
ରୋଗ ଶୋକ ସବୁ ଦୂର କରିଦିଅ
ମର୍ତ୍ତ୍ୟ ହେଉ ବଇକୁଣ୍ଠ
ଅନୀତି ଦୁର୍ନୀତି ଅଧର୍ମକୁ ନାଶି
ସମାଜକୁ କର ସୁସ୍ଥ ।
ତୁମରି ଚରଣେ ଜଣାଉ ପ୍ରଣତି
ଦିଅ ମା' କରୁଣା ବାରି
ସୁନ୍ଦର ସୃଷ୍ଟିରୁ ଅଧର୍ମ ଅନ୍ଧାର
ଶୀଘ୍ର ଯାଉ ଅପସରି ।

**- ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ହାତ ଉପରେ ୧୮ ଅଣ୍ଡା

ହାତ ପାପୁଲିରେ କୌଣସି ଜିନିଷକୁ ଧରିବା ସମ୍ଭବ ହୋଇଥାଏ, କିନ୍ତୁ ହାତର ଉପର ଭାଗରେ କିଛି ଜିନିଷକୁ ଧରି ରଖିବା ଆଦୌ ସହଜ ନୁହେଁ । ମାତ୍ର ଏପରି ଏକ କାମ କରି ଦେଖାଇଛନ୍ତି ଇରାକର ଇବ୍ରାହିମ୍ ସିଦ୍ଦିକ୍ । ହାତର ଉପର ପଟରେ ସେ ସର୍ବାଧିକ ଅଣ୍ଡା ଧରି ରଖି ପାରିଥିବାରୁ ଗିନିଜ୍ ରେକର୍ଡ କରିପାରିଛନ୍ତି ।

ଇବ୍ରାହିମ୍ ତାଙ୍କ ହାତ ଉପର ଭାଗରେ ଥରକେ ବେଶ୍ ସୁନ୍ଦରଭାବରେ ସନ୍ତୁଳନ ରକ୍ଷାକରି ୧୮ଟି ଅଣ୍ଡାକୁ ରଖି ପାରିଛନ୍ତି । କିଛି ଦିନ ପୂର୍ବରୁ ଅଭ୍ୟାସ କରି ସେ ଏଭଳିଭାବେ ଅଣ୍ଡା ରଖି ପାରିଛନ୍ତି । ଏଭଳି ଅଣ୍ଡାକୁ ରଖି ପାରିଥିବାରୁ ଇବ୍ରାହିମ୍‌ଙ୍କୁ ଲୋକେ ପ୍ରଶଂସା କରିଥିଲେ । ତେଣୁ ସେ ଗିନିଜ୍ ବୁକ୍ ଅଧିକାରୀଙ୍କୁ ତାଙ୍କର ଏଭଳି ସଫଳତା ସମ୍ପର୍କରେ ଜଣାଇଥିଲେ ଏବଂ ଅଣ୍ଡା ରଖୁଥିବାର ଏକ ଭିଡିଓ ମଧ୍ୟ ଦେଖାଇଥିଲେ । ଏହାପରେ ତାଙ୍କ ନାଁ ଗିନିଜ୍ ବୁକରେ ସାମିଲ୍ ହୋଇଥିଲା । ତାଙ୍କର ଏହି ସଫଳତାର ଏକ ଭିଡିଓ ଗିନିଜ୍ ବୁକ୍ ପକ୍ଷରୁ ସୋସିଆଲ ମିଡିଆରେ ମଧ୍ୟ ଶେୟାର କରାଯାଇଥିଲା, ଯାହାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।



## ଏଥରର



- ସମ୍ରାଟ ଅଶୋକ କେଉଁ ଧର୍ମକୁ ଗ୍ରହଣ କରିଥିଲେ ?
- ଭାରତର ସମ୍ବିଧାନ କେବେଠାରୁ ଲାଗୁ ହୋଇଥିଲା ?
- ଚନ୍ଦ୍ରରେ ପାଦ ଥାପିଥିବା ପ୍ରଥମ ବ୍ୟକ୍ତିଙ୍କ ନାମ ?
- ଭାରତରେ ହୀରା ଖଣି କେଉଁଠାରେ ଅଛି ?
- ସତୀଦାହ ପ୍ରଥାକୁ ଭାରତରେ କେଉଁ ରାଜା ଲୋପ କରାଇଥିଲେ ?

## ଗତଥରର ଉତ୍ତର

- ୩
- ଆଖି
- ସ୍ୱିଡେନ୍
- ୩
- ଓଟାୱା

## କହିଲ ଦେଖି



ଶରତ କାଳରେ ହୁଏ ଏ ଯାତ
ସାରା ଭାରତରେ ବହୁତ ଖ୍ୟାତ
ଦୁର୍ଗତି ନାଶିନୀ ପାଆନ୍ତି ପୂଜା
ସ୍ୱପ୍ନପୁରୀ ସମ ହୋଇଛି ସଜ୍ଜା ।
ବିଜୟା ଦଶମୀ ତିଥି,
କେଉଁ ନାମରେ ଏ ପାର୍ବଣ ନାମିତ
ସୁଖେ ଯାଏ ଦିନ ବିତି ।

**ଉ- ଦଶହରା ଉତ୍ସବ**



ଦେବତାଙ୍କ ସୃଷ୍ଟି ଅଗ୍ନିରୁ ଜାତ
ମହିଷାସୁରକୁ କରିଲେ ହତ,
କେଉଁ ଦଶଭୁଜା ଦେବୀ
ଦେବତା ମାନବ ଦୁର୍ଗତି ନାଶିଲେ
ଦଶଶିର ମାରି ଶ୍ରୀରାମ ଜିତିଲେ,
ଏହି ଦେବୀ ପଦ ସେବି ।

**ଉ- ଦେବୀ ଦୁର୍ଗା**



ପଶୁରାଜ ଭାବେ ପାଉଛି ସମ୍ମାନ
ମହାମାୟାଙ୍କର ସେ ଅଟେ ବାହନ,
ମହିଷ ଅସୁର ସହ ଲଢ଼ି ଥିଲା
ମାତା ସହ ମିଶି ତାକୁ ହରାଇଲା,
ନନ୍ଦନକାନନେ ଦେଖ
ସାହସ ତା'ଠାରୁ ଶିଖ ।

**ଉ- ପଶୁରାଜ ସିଂହ**

**- କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯





# ଲୋହିତ ଗ୍ରହ

ଆମ ସୌର ମଣ୍ଡଳରେ ଥିବା ଆଠଟି ଗ୍ରହର ବିଶେଷତ୍ୱ ମଧ୍ୟ ଭିନ୍ନ ଭିନ୍ନ। ବିଭିନ୍ନ ଗ୍ରହ ନିଜ ନିଜ ସ୍ୱତନ୍ତ୍ରତା ପାଇଁ ପରିଚିତ। ସେଥିପାଇଁ କେତେକ ଗ୍ରହକୁ ଅଲଗା ନାମରେ ନାମିତ କରାଯାଇଛି। ସେହିଭଳି ସୌରଜଗତର ଚତୁର୍ଥ ଗ୍ରହ ମଙ୍ଗଳକୁ 'ଲୋହିତ ଗ୍ରହ' ଆଖ୍ୟା ଦିଆଯାଇଛି। କାରଣ ଏହି ଗ୍ରହର ପୃଷ୍ଠରେ ପ୍ରଚୁର ପରିମାଣରେ ଲୌହ ଅକ୍ସାଇଡ୍ ବା ଆଇରନ୍ ଅକ୍ସସାଇଡ୍ ରହିଛି। ଲୌହ ଅକ୍ସାଇଡ୍‌ର ରଙ୍ଗ ଲାଲ୍। ସେଥିପାଇଁ ମଙ୍ଗଳ ଗ୍ରହ ଲାଲ ଦେଖାଯାଏ। ଏହାବ୍ୟତୀତ ଏହି ଗ୍ରହର ବାୟୁମଣ୍ଡଳରେ ଯେଉଁ ଛୋଟ ଧୂଳିକଣା ଅଛି ସେଗୁଡିକ ଆଲୋକର ଲାଲ ତରଙ୍ଗ ଦୈର୍ଘ୍ୟ ବେଶୀମାତ୍ରାରେ ବିଚ୍ଛୁରଣ କରନ୍ତି। ତେଣୁ ମଙ୍ଗଳ ଗ୍ରହର ଆକାଶ ମଧ୍ୟ ଲାଲ ଦେଖାଯାଏ। ଅନ୍ୟପକ୍ଷରେ ଏହି ଗ୍ରହର ପୃଷ୍ଠଭାଗ ବା ମାଟିରେ ମଧ୍ୟ ଲୌହ ଅକ୍ସାଇଡ୍ ରହିଛି। ତେଣୁ ଏହାର ମାଟିର ରଙ୍ଗ ମଧ୍ୟ ଲାଲ। ମଙ୍ଗଳ ଗ୍ରହକ ଆକାଶର ଧୂଳିକଣାଗୁଡିକ ବିଶେଷ କରି ଧଳା ଆଲୋକର ଲାଲ ବର୍ଣ୍ଣକୁ ବେଶୀ ବିଚ୍ଛୁରଣ କରିବା ହେତୁ ଏହାର ଆକାଶ ମଧ୍ୟ ଲାଲ ଦେଖାଯାଏ। ତେଣୁ ଏହି ଗ୍ରହକୁ 'ଲୋହିତ ଗ୍ରହ ବା ରେଡ୍ ପ୍ଲାନେଟ ମଧ୍ୟ କୁହାଯାଏ।

# ଅଜବ ଦେଶ



ପୃଥିବୀରେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନୀତିନିୟମ ଦେଖିବାକୁ ମିଳିଥାଏ। ସେଗୁଡିକ ଜାଣିବା ପରେ ଅନେକ ହୁଏତ ଆଶ୍ଚର୍ଯ୍ୟ ହୋଇପାରନ୍ତି, ହେଲେ ତାହା ପଛରେ ଶତ ପ୍ରତିଶତ ସତ୍ୟତା ରହିଛି। ଏମିତି ଏକ ଦେଶ ରହିଛି, ଯେଉଁଠି ଟ୍ରାଫିକ୍ ସିଗ୍‌ନାଲ ନାହିଁ । ସେହି ଦେଶ ହେଲା ଆମର ପଡୋଶୀ ଦେଶ ଭୁଟାନ୍। ଅନେକ ଦେଶରେ ନଦୀ ଦେଖାଯାଇଥାଏ। ହେଲେ ଆଦୌ ନଦୀ ନ ଥିବା ଦେଶ ମଧ୍ୟ ରହିଛି। ମରୁ ଅଞ୍ଚଳରେ ଅବସ୍ଥିତ ସାଉଦି ଆରବରେ ଗୋଟିଏ ହେଲେ ନଦୀ ନାହିଁ। ଏହି ଦେଶକୁ 'ନଦୀବିହୀନ ଦେଶ' ବୋଲି କୁହାଯାଏ। ଏହା ବ୍ୟତୀତ ଏଠାରେ ବର୍ଷା ମଧ୍ୟ କମ୍ ହୋଇଥାଏ। ଏମିତି ଏକ ଦେଶ ରହିଛି, ଯେଉଁଠାରେ ଗୋଟିଏ ହେଲେ ଏୟାରପୋର୍ଟ ନାହିଁ। ସେ ଦେଶଟି ହେଉଛି ଭାଟିକାନ୍ ସିଟି। କାରଣ ଏହି ଦେଶ ଏତେ ଛୋଟ ଯେ ସେଠାରେ ଏୟାରପୋର୍ଟ ନିର୍ମାଣ କରାଯାଇପାରିବ ନାହିଁ। ଭାରତରେ ଏମିତି ଏକ ନଦୀ ରହିଛି, ଯାହାକୁ ଦୁଇଟି ରାଜ୍ୟର 'ଲାଇଫ୍ ଲାଇନ୍' ବୋଲି କୁହାଯାଏ। ସେ ନଦୀର ନାମ ତିସ୍ତା। ସିକ୍କିମ ଏବଂ ପଶ୍ଚିମବଙ୍ଗ ରାଜ୍ୟ ଭିତରେ ଏହି ନଦୀ ପ୍ରବାହିତ। ଥେମ୍ସ ନଦୀ 'ଲଣ୍ଡନର ଗଙ୍ଗା' ଭାବରେ ପରିଚିତ। ଗୁଜରାଟର ରାଜଧାନୀ ହେଉଛି ଅହମ୍ମଦାବାଦ। ଅହମ୍ମଦାବାଦର ଅହମ୍ ଶବ୍ଦଟି ସଂସ୍କୃତରୁ ଆସିଥିବା ବେଳେ ଦା' ଶବ୍ଦଟି ଇଂରାଜୀ ଏବଂ ବାଦ୍ ଶବ୍ଦଟି ହିନ୍ଦୀରୁ ଆସିଛି।





# ସାପଚାଷ

ଆଗରୁ ଆମେ ଫୁଲ, ଫଳ ଆଦି ଚାଷ ବିଷୟରେ ଜାଣିଛେ। ସାପ ଚାଷ ବିଷୟରେ କେବେ ଶୁଣିଛନ୍ତି ? ହଁ, ଚାଇନା ଏଭଳି ଏକ ଦେଶ, ଯେଉଁଠି ସାପଚାଷ ଏକ ସାଧାରଣ କଥା। ଚାଇନାରେ ଜିସିକିଆଓ ନାମକ ଏକ ଗ୍ରାମ ରହିଛି । ଏଠାକାର ଗ୍ରାମବାସୀ କେବଳ ସାପଚାଷ ଉପରେ ହିଁ ନିର୍ଭର କରନ୍ତି। ଏହି ଗାଁରେ ଅଧିକ ସଂଖ୍ୟାରେ ବିଷଧର ସାପ ଦେଖିବାକୁ ମିଳିଥାଏ। ଲୋକେ ଏଠାରେ କିଙ୍ଗ୍ କୋବ୍ରାଠୁ ଆରମ୍ଭ କରି ଅଜଗର ପର୍ଯ୍ୟନ୍ତ ସବୁ ସାପଙ୍କୁ ପାଳିଥା'ନ୍ତି। ଏଭଳି ବିଷଧର ସାପଙ୍କୁ ସେମାନେ କାହିଁକି ଚାଷ କରନ୍ତି ? କାରଣ ଏହି ଦେଶରେ ସେମାନଙ୍କର ମାଂସ ଏବଂ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବେଶ୍ ରହିଛି। ଚାଇନାରେ ସାପମାଂସ ଅନ୍ୟତମ ଲୋକପ୍ରିୟ ଖାଦ୍ୟ। କେବଳ ଏତିକି ନୁହେଁ, ଏଭଳି ସାପର ଅଙ୍ଗପ୍ରତ୍ୟଙ୍ଗ ଔଷଧ ତିଆରି ଲାଗି ବ୍ୟବହୃତ ହୋଇଥାଏ। ଅନ୍ୟ କେତେକ ପ୍ରଜାତିର ସାପଙ୍କ ଚମଡ଼ାରେ ଜୋତା, ବ୍ୟାଗ୍, ବେଲ୍ଟ ଆଦି ପ୍ରସ୍ତୁତ କରାଯାଏ। ଏଠାରେ ସାପଙ୍କୁ ଛୋଟ ଛୋଟ କାଚ ଜାର୍ କିମ୍ବା କାଠ ବାକ୍ସ ମଧ୍ୟରେ ରଖି ପାଳିଥା'ନ୍ତି। ଯେତେବେଳେ ଛୋଟ ସାପଗୁଡ଼ିକ ବଡ଼ ହୋଇଯା'ନ୍ତି ତାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଲାଗି ପ୍ଲାଷ୍ଟିକ୍ ଥଳି ବ୍ୟବହାର କରାଯାଏ। ଆହୁରି ମଧ୍ୟ ସାପ ବଡ଼ ହୋଇଗଲା ପରେ ତାଙ୍କୁ ଅନ୍ୟ ଏକ ଫାର୍ମ ହାଉସ୍ ନିଆଯାଏ। ପ୍ରଥମେ ତାଙ୍କ ଦେହରୁ ବିଷ କଢ଼ାଯାଏ। ପରେ ତାଙ୍କ ମୁଣ୍ଡକୁ କାଟି ତା' ମାଂସକୁ ଅଲଗା ରଖି ଦିଆଯାଏ। ସାପର ଚମଡ଼ାକୁ ଶୁଖାଇବା ଲାଗି ମଧ୍ୟ ଅଲଗା ବ୍ୟବସ୍ଥା କରାଯାଏ। ଏମାନଙ୍କ ମାଂସରୁ ମେଡିସିନ୍ ପ୍ରସ୍ତୁତ ହୁଏ। ବଜାରରେ ଏମାନଙ୍କ ଚମଡ଼ାରେ ପ୍ରସ୍ତୁତ ଉତ୍ପାଦର ଦାମ୍ ଅଧିକ ରହିଥାଏ।

# ଆଇନା

ଅଦିତ୍ରି ମହାରଣା
୫ ବର୍ଷ, ଖୋର୍ଦ୍ଧା





ଈଷାନ ସ୍ୱାଇଁ
୯ ବର୍ଷ, ଭୁବନେଶ୍ୱର